# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**5 January - 2025**

**News Editor : Tapan Kumar Maharana**

**********************************

## ମୁଖ୍ୟ ସମ୍ବାଦ

- ରାୟଗଡ଼ା ରେଳମଣ୍ଡଳର ଆଭାସୀ ମାଧ୍ୟମରେ ଆସନ୍ତାକାଲି ଭିତ୍ତିପ୍ରସ୍ତର ସ୍ଥାପନ କରିବେ ପ୍ରଧାନମନ୍ତ୍ରୀ
- ରାଜ୍ୟରେ ଜଳସେଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ନେଉଛନ୍ତି ବିଭିନ୍ନ ପଦକ୍ଷେପ; କହିଲେ, ମୁଖ୍ୟମନ୍ତ୍ରୀ
- ପଞ୍ଚାୟତିରାଜ ବ୍ୟବସ୍ଥାରେ ଯୁବବର୍ଗ ସାମିଲ ହେବା ଗଣତନ୍ତ୍ର ପାଇଁ ଶୁଭଙ୍କର; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ସହିଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜନାର ଆଜି ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

ଏବଂ

- ରାଜ୍ୟସ୍ତରୀୟ ଆଦିବାସୀ ମେଳା ଆଜିଠାରୁ ଭୁବନେଶ୍ୱରଠାରେ ହେବ ଆରମ୍ଭ

## ରେଳମଣ୍ଡଳ ରାୟଗଡ଼ା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ଣ ୧୧ଟା ସମୟରେ ରାୟଗଡ଼ା ରେଳମଣ୍ଡଳର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଅନେକ କେତେକ ରେଳଭିତ୍ତିଭୂମି ପ୍ରକଳ୍ପର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିବେ। ରାୟଗଡ଼ା ରେଳମଣ୍ଡଳର ମୁଖ୍ୟାଳୟ ରାୟଗଡାଠାରେ ରହିବ। ଏଥିପାଇଁ ରାୟଗଡ଼ା ରେଳମଣ୍ଡଳଠାରେ ୧୦୭ କୋଟି ଟଙ୍କା ବ୍ୟୟରେ ୧୨ ହଜାର ବର୍ଗମିଟର ପରିମିତ ଏକ ଆଧୁନିକ ମଣ୍ଡଳ କାର୍ଯ୍ୟାଳୟ ଭବନ ନିର୍ମାଣ କରାଯିବ। ଏହି କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେବେ। ରାୟଗଡ଼ାଠାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରେଳବାଇ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ରବନୀତ ସିଂ ବିଟୁଙ୍କ ସହ କୋରାପୁଟ ସାଂସଦ ଏବଂ ବିଧାୟକ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ପାଣି ପଞ୍ଚାୟତ-ମୁଖ୍ୟମନ୍ତ୍ରୀ

କୃଷି ଉତ୍ପାଦନ କ୍ଷେତ୍ରରେ ରାଜ୍ୟ ଯଥେଷ୍ଟ ଅଗ୍ରଗତି କରିଛି। ଏଥିପାଇଁ ଜଳସେଚନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଜଳସେଚନ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ

କହିଛନ୍ତି। ଭୁବନେଶ୍ୱରଠାରେ ଅନୁଷ୍ଠିତ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ସେ କହିଛନ୍ତି....

# - V/O -

## ଶ୍ରୀମନ୍ଦିର-ଡ୍ରୋନ୍

ଶ୍ରୀମନ୍ଦିର ଉପରେ ଡ୍ରୋନ ଉଡ଼ିବା ଘଟଣାରେ ପ୍ରତିକ୍ରିୟା ରଖି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ୱାଚ୍ ଟାୱାରରେ ପୁଲିସ୍ ମୁତୟନ କରାଯିବ। ଶ୍ରୀମନ୍ଦିର ସୁରକ୍ଷା ବ୍ୟାଘାତ ହେଲେ ଆଇନ୍‌ଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଡ୍ରୋନ୍ ଉଡ଼ିବା ଘଟଣାରେ ପୁଲିସ୍ ପକ୍ଷରୁ ୨ଟି ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି। ଶ୍ରୀମନ୍ଦିର ନିରାପତ୍ତା ନିଶ୍ଚିତ କରିବା ଦିଗରେ ପ୍ରାଥମିକତା ଦିଆଯିବ ବୋଲି ପୁରୀ ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଶ୍ରୀମନ୍ଦିର ନୋ ଫ୍ଲାଇଙ୍ଗ୍ ଜୋନ୍‌ରେ ଆଜି ସକାଳେ ଅଧଘଣ୍ଟାରୁ ଅଧିକ ସମୟ ଧରି ନୀଳଚକ୍ର ସମେତ ଶ୍ରୀମନ୍ଦିର ଚାରିପଟେ ଡ୍ରୋନ୍ ଉଡୁଥିବା ଦେଖିବାକୁ ମିଳିଥିଲା।

## ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ

ରାଜ୍ୟର ୭ ଜିଲ୍ଲାକୁ ନେଇ ଦକ୍ଷିଣ ଓଡିଶା ବିକାଶ ପରିଷଦ ଗଠନ କରାଯିବ । ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଷଦ ଟାସ୍କଫୋର୍ସର ପ୍ରଥମ ବୈଠକରେ ଏନେଇ ଆଲୋଚନା ହୋଇଛି । ସେହି

ଜିଲ୍ଲାଗୁଡ଼ିକ ହେଉଛି - କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା ଓ ନବରଙ୍ଗପୁର। ଏହି ଜିଲ୍ଲାଗୁଡ଼ିକର ସମସ୍ତ ବ୍ଲକକୁ ପରିଷଦରେ ସାମିଲ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ହୋଇଛି । କେନ୍ଦ୍ର ସରକାରଙ୍କ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆର୍ଥିକ ଦୃଷ୍ଟିରୁ ପଛୁଆ ପରିଗଣିତ ହେଉଥିବା ଏହି ଜିଲ୍ଲାଗୁଡ଼ିକର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ଅପରପକ୍ଷରେ  ବୈଠକରେ ଟାସ୍କଫୋର୍ସ୍‌ର ଅଧ୍ୟକ୍ଷ ମନ୍ତ୍ରୀ ଶ୍ରୀ ଗଣ୍ଡ ବୈଧାନିକ କମିଟି ଗଠନ ପାଇଁ ମଧ୍ୟ ଆଲୋଚନା କରିଥିଲେ। ଏହି କମିଟିରେ ୮ ଜଣ ବିଧାୟକ, ୨ ଜଣ ସାଂସଦ ଓ ୨ ଜଣ ମନ୍ତ୍ରୀ ସଦସ୍ୟ ରହିବେ। ଆସନ୍ତା ୧୮ ତାରିଖରେ ଟାସ୍କଫୋର୍ସ୍‌ର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ପ୍ରତିଷ୍ଠା ଦିବସ-ଧର୍ମେନ୍ଦ୍ର ପ୍ରଧାନ

ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥା ଏକ ମଜବୁତ୍ ବ୍ୟବସ୍ଥା ଏବଂ ଏହି ବ୍ୟବସ୍ଥାରେ କ୍ରମାଗତଭାବରେ ଅନେକ ଶିକ୍ଷିତ ଯୁବକ-ଯୁବତୀ ସାମିଲହେବା ଗଣତନ୍ତ୍ର ପାଇଁ ଶୁଭଙ୍କର ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସମ୍ବଲପୁର ବୁର୍ଲା ଏମସିଏଲ ସମ୍ମିଳନୀ କକ୍ଷରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ନୂତନ ପ୍ରୟାସ 'ଲୋକାଲ୍ ଚମ୍ପିଆନ୍' ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଯୋଗଦେଇ କହିଛନ୍ତି ରାଜ୍ୟର ଗ୍ରାମପଞ୍ଚାୟତଗୁଡ଼ିକ ନିଜ ଜନକଲ୍ୟାଣକାରୀ କାର୍ଯ୍ୟ ମାଧ୍ୟମରେ ଜାତୀୟ ସ୍ତରରେ ପୁରସ୍କୃତ ହେବା ଗୌରବମୟ ଉପଲବ୍ଧି। ସେ

କହିଛନ୍ତି, ଗ୍ରାମାଞ୍ଚଳର ବିକାଶ ତଥା ଗାଁରେ ବସବାସ କରୁଥିବା ଲୋକମାନଙ୍କର ଜୀବନଜୀବିକାରେ ପରିବର୍ତ୍ତନ ଆଣିବାରେ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପଂଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟ ଏକ କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଛନ୍ତି।

ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ପଂଚସଖାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ବିଶିଷ୍ଟ ସାହିତ୍ୟିକା ଡକ୍ଟର ପ୍ରତିଭା ଶତପଥୀଙ୍କୁ ଚଳିତ ବର୍ଷର ଗଙ୍ଗାଧର ଜାତୀୟ କବିତା ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜସମ୍ମାନୀତ ଅତିଥି ଭାବେ ଯୋଗ ଦେଇଛନ୍ତି।

## ପ୍ରବାସୀ ଭାରତୀୟ ଦିବସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଆସନ୍ତା ୯ ତାରିଖରେ ଭୁବନେଶ୍ୱରରେ ପହଞ୍ଚିବେ। ଆସନ୍ତା ୧୦ ତାରିଖ ଦିନ ଜନତା ମୈଦାନରେ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ। ସେହିଦିନ ଅପରାହ୍ଣରେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି।

## ପ୍ରବାସୀ ଭାରତୀୟ ଦିବସ-ମୁଖ୍ୟ ସଚିବ

ଓଡିଶା ସରକାରଙ୍କ ସହଭାଗିତାରେ ଜାନୁୟାରୀ ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମୈଦାନଠାରେ ଆୟୋଜିତ ହେବାକୁ ଯାଉଛି ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ। ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ଅଗ୍ରଗତି ଓ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ଲାଗି ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଜନତା ମୈଦାନଠାରେ ସ୍ଥିତି  ସମୀକ୍ଷା କରିଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି....

# - V/O –

## ମାଧୋସିଂ ହାତଖର୍ଚ୍ଚ ଯୋଜନା

ସହିଦ୍ ମାଧୋସିଂ ହାତଖର୍ଚ୍ଚ ଯୋଜନାର ଆଜି ଶୁଭାରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଉଦ୍‌ଘାଟନ କରିବେ । ଜନଜାତି ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ୍ ଖାତାକୁ ଚଳିତ ଶିକ୍ଷାବର୍ଷରେ ଏକକାଳୀନ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ।

## ସାଇକେଲ ରାଲି

**ନବରଙ୍ଗପୁର** ଜିଲ୍ଲା ସି.ଆର.ପି.ଏଫ.ର ୧୨ ବାଟାଲିଅନ ପକ୍ଷରୁ 'ଫିଟ ଇଣ୍ଡିଆ ସାଇକେଲ ରାଲି' ଅନୁଷ୍ଠିତ ହୋଇଛି। ଏହି ରାଲିକୁ ବାଟାଲିଅନର କମାଣ୍ଡାଣ୍ଟ ନନ୍ଦକିଶୋର କୁମାର ପ୍ରସାଦ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସି.ଆର.ପି.ଏଫ.ର ଯବାନଙ୍କ ସହ ବିଭିନ୍ନ ବିଦ୍ୟାଳୟର ଛାତଛାତ୍ରୀ ଅଂଶଗ୍ରହଣ କରିଥିଲେ। ସି.ଆର.ପି.ଏଫ. କାର୍ଯାଳୟଠାରୁ ରାଲି ବାହାରି ସ୍ଥାନୀୟ ବସଷ୍ଟାଣ୍ଡ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ

ସି.ଆର.ପି.ଏଫ. ୧୨ ବାଟାଲିଅନର ଡେପୁଟି କମାଣ୍ଡାଣ୍ଟ ରାଜୀବ କୁମାର, ଇନ୍ସପେକ୍ଟର ଜୟସିଂ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଧାନ ମଣ୍ଡି ଶୁଭାରମ୍ଭ

**ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଧାମନଗର ବ୍ଲକ ଚୁଡ଼ାକୁଟି ସେବା ସମବାୟ ସମିତିଠାରେ ଜିଲ୍ଲାସ୍ତରୀୟ ଧାନ ମଣ୍ଡି ଶୁଭାରମ୍ଭ ହୋଇଛି । ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଯୋଗ ଦେଇ ଧାନ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲାରେ ୧୦୫ଟି ସମବାୟ ସମିତି ଏବଂ ୪୮ଟି ସ୍ୱୟଂସହାୟକ ଗୋଷ୍ଠୀଙ୍କଠାରୁ ୩୦ ଲକ୍ଷ୍ୟ କ୍ୟୁଣ୍ଟାଲ ଧାନ କିଣି ବାର ଧାର୍ଯ୍ୟ ଲକ୍ଷ୍ୟ ହୋଇଛି ।

## ନୂଆପଡା ଗସ୍ତ

ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ନୂଆପଡା ଜିଲ୍ଲାକୁ ଦିନିକିଆ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଆନ୍ତଃଜିଲ୍ଲା କବାଡି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଛନ୍ତି ।

## ଘୁମୁରା-୨୦୨୫

କଳାହାଣ୍ଡି ଜିଲ୍ଲା ଥୁଆମୁଳ-ରାମପୁର ବ୍ଲକରେ ନୌକାଚାଳନା ଓ ତୀରଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଜାନୁଆରୀ ୧୪ ତାରିଖଠାରୁ ଆରମ୍ଭ ହେବାକୁ ଥିବା ଜିଲ୍ଲାର ଲୋକ ମହୋତ୍ସବ ଘୁମୁରା-୨୦୨୫ ପାଇଁ ଇନ୍ଦ୍ରାବତୀ ଜଳ ଭଣ୍ଡାରର କେନ୍ଦୁଗୁଡାଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଏବଂ ଜିଲ୍ଲା ମତ୍ସ୍ୟ ବିଭାଗ ତଥା ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଅନୁଷ୍ଠିତ

ନୌକାଚାଳନା ଓ ତୀରନ୍ଦାଜ ପ୍ରତିଯୋଗିତାକୁ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଜିଲ୍ଲାପାଳ ସଚିନ ପାଓ୍ୱାର ପ୍ରକାଶ କାର୍ଯ୍ୟକ୍ରମରେ ଯୋଗଦେଇ ସଂସ୍କୃତି ଓ ପରମ୍ପରାକୁ ଉଦଜୀବିତ କରିବା ତଥା ବୁଡି ଅଞ୍ଚଳବାସୀଙ୍କୁ ସଚେତନ କରେଇବା ସହ ଏହା ହିଁ ଲୋକ ମହୋତ୍ସବ ଘୁମୁରାର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଶେଷରେ ଆୟୋଜିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଆଦିବାସୀ ମେଳା

ରାଜ୍ୟସ୍ତରୀୟ ଆଦିବାସୀ ମେଳା ଆଜିଠାରୁ ଭୁବନେଶ୍ୱର ୟୁନିଟ୍-୩ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆରମ୍ଭ ହେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅପରାହ୍ଣରେ ଏହାର ଉଦ୍‌ଘାଟନ କରିବେ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ମେଳା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ।

ସେହିପରି ପ୍ରବାସୀ ଭାରତୀୟ ଦିବସରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ବିଡିଏ ପକ୍ଷରୁ ଏକାମ୍ର ଉତ୍ସବ ଆଜିଠାରୁ ଆରମ୍ଭ ହେଉଛି।

*******************************